ଓଡ଼ିଶା ସରକାର

ଓଡ଼ିଶା ବିଧାନସଭାରେ

# ୨୦୧୦-୨୦୧୧ ବର୍ଷର

ବଜେଟ ଉପସ୍ଥାପନ ଅବସରରେ

ଅର୍ଥ ମନ୍ତ୍ରୀ

## ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ

ଅଭିଭାଷଣ

**ତା ୨୨ ଜୁନ ୨୦୧୦**

**ମାନ୍ୟବର ବାଚସ୍ପତି ମହୋଦୟ !**

ସର୍ବପ୍ରଥମେ ମୁଁ ଆପଣଙ୍କୁ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆଜି ମୋତେ ଏହି ପବିତ୍ର ଗୃହରେ 2010-11 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବାର ସୁଯୋଗ ଦେଇଥିବାରୁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି । ପୂର୍ବ ବର୍ଷମାନଙ୍କରେ ମୋତେ ସେମାନଙ୍କର ଅକୁଣ୍ଠିତ ସହଯୋଗ ପାଇଁ ମାନ୍ୟବର ବିରୋଧୀ ଦଳର ନେତା ଏବଂ ଏହି ଗୃହର ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କ ନିକଟରେ ମୋର ଗଭୀର କୃତଜ୍ଞତା ଜ୍ଞାପନ କରୁଛି । କ୍ରମାଗତଭାବେ ସପ୍ତମ ବର୍ଷ ପାଇଁ ଗୃହରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାର ସୁଯୋଗ ମୋ ପାଇଁ ଏକ ସୌଭାଗ୍ୟର ବିଷୟ । ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ପରିପ୍ରେକ୍ଷୀରେ ପୂର୍ବ ବର୍ଷ ଆମକୁ ଏକ ବିଷମ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥିଲା । ଏହି ପବିତ୍ର ଗୃହକୁ ଆନନ୍ଦର ସହିତ ମୁଁ ସୂଚାଇ ଦେବାକୁ ଚାହେଁ ଯେ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ରାଜ୍ୟର ଅଭିବୃଦ୍ଧିର ଗତି ପ୍ରତିରୋଧ ହୋଇପାରି ନାହିଁ ।

2. ଆମ ସରକାର ପୂର୍ବରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପାଇଁ ଲେଖାନୁଦାନ ଆଗତ କରିଥିଲେ ଏବଂ ତାହା ଏହି ଗୃହର ଅନୁମୋଦନ ଲାଭ କରିଥିଲା । 2010-11 ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ ଆଗତ କରିବା ଅବସରରେ ଗତ ମାର୍ଚ୍ଚ ମାସରେ ମୁଁ ଏହାର ସବିଶେଷ କାରଣ ଦର୍ଶାଇଥିଲି । ତଥାପି ଆପଣ ମାନଙ୍କୁ ସ୍ମରଣ କରାଇଦେବାକୁ ଚାହୁଁଛି ଯେ ମୁଖ୍ୟତଃ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମିଳିବାରେ ବିଳମ୍ବ ଓ ରାଜ୍ୟ ଯୋଜନା ଆକାର ଯୋଜନା କମିଶନଙ୍କ ଦ୍ୱାରା ସ୍ଥିରୀକୃତ ହୋଇ ପାରି ନ ଥିବା ହେତୁ ଗତ ମାର୍ଚ୍ଚ ମାସରେ ରାଜ୍ୟ ସରକାର ଏକ ଲେଖାନୁଦାନ ଆଗତ କରିଥିଲେ । ବର୍ତ୍ତମାନ ମୁଁ 2010-11 ବର୍ଷ ପାଇଁ ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରୁଅଛି ।

3. ବଜେଟ ରାଜ୍ୟ ସରକାରଙ୍କର ରାଜସ୍ୱ ପ୍ରାପ୍ତି ଓ ସମ୍ଭାବିତ ଖର୍ଚ୍ଚର କେବଳ ଏକ ଆକଳନ ନୁହେଁ । ଏଥିରେ ରାଜ୍ୟର ଦୀର୍ଘମିଆଦୀ ପ୍ରଗତିର ଆଭିମୁଖ୍ୟ

ହାସଲ କରିବା ଲକ୍ଷ୍ୟରେ ସରକାରଙ୍କର ଅନୁସୃତ ନୀତି ଓ ପ୍ରାଥମିକତାର ଚିତ୍ର ପ୍ରତିଫଳିତ ହୋଇଥାଏ ।

4. ଅର୍ଥନୀତିର ସ୍ଥୂଳଦୃଶ୍ୟପଟ୍ଟ ଓ ଭବିଷ୍ୟତ ଆକଳନ ।

4.1. ବଜେଟ ପ୍ରସ୍ତୁତ କରିବା ସମୟରେ ଅର୍ଥନୀତିର ସ୍ଥୂଳ ଅଗ୍ରଗତିକୁ ବିଚାରକୁ ନେବା ଆବଶ୍ୟକ । 2007-08 ବର୍ଷର ପୂର୍ବ 5 ବର୍ଷରେ ଆମ ଜାତୀୟ ଅର୍ଥନୀତିର ହାରାହାରି ଅଭିବୃଦ୍ଧିହାର ୨ ପ୍ରତିଶତ ରହିଥିଲା । ଏହି ସମୟରେ ରାଜ୍ୟର ଅର୍ଥନୀତି ହାରାହାରି ବାର୍ଷିକ 11.୫8 ପ୍ରତିଶତ ହାରରେ ବୃଦ୍ଧି ପାଇଥିଲା । ଜାତୀୟ ଓ ରାଜ୍ୟର ଏହି ଅଭିବୃଦ୍ଧି ପ୍ରକ୍ରିୟା ବିଶ୍ୱ ଅର୍ଥନୈତିକ ସଂକଟ ଓ ତଜ୍ଜନିତ ଅବସ୍ଥିତି (Recession) ଦ୍ୱାରା ପ୍ରଭାବିତ ହୋଇଥିଲା । 2008-09 ବର୍ଷରେ ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ହାର 6.7 ପ୍ରତିଶତ ଥିବାବେଳେ ରାଜ୍ୟର ଅର୍ଥନୀତି 6.65 ପ୍ରତିଶତ ହାରରେ ବୃଦ୍ଧି ହୋଇଥିଲା । କେତେକ ପ୍ରତିଶେଧକମୂଳକ ବିତ୍ତୀୟ ଓ ଆର୍ଥିକନୀତି ତଥା ସମନ୍ୱିତ ପଦକ୍ଷେପ ଦ୍ୱାରା ସାରା ବିଶ୍ୱ ଅର୍ଥନୀତିରେ ସୁଧାର ଆସିପାରିଛି । 2009-10 ଅଗ୍ରୀମ ଅଟକଳ (Advance Estimate) ଅନୁସାରେ ସାମଗ୍ରୀକ ଘରୋଇ ଉତ୍ପାଦନ 7.4 ପ୍ରତିଶତ ହାରରେ ବୃଦ୍ଧି ହେବା ଘଟଣାରେ ଏହାର ମଧ୍ୟ ପ୍ରତିଫଳନ ଦେଖିବାକୁ ମିଳିଛି । ରାଜ୍ୟର ଅର୍ଥନୀତି 2009-10 ବର୍ଷରେ ୫.35 ପ୍ରତିଶତ ହାରରେ ବୃଦ୍ଧି ହୋଇଛି । ରାଜ୍ୟର ଅର୍ଥନୈତିକ ଚିତ୍ରର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରଦାନ କରାଯାଇଛି ।

4.2. ବିଶ୍ୱ ତଥା ଜାତୀୟ ଅର୍ଥନୀତିରେ ସୁଧାର ଆସିବା ପରିପ୍ରେକ୍ଷୀରେ ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଗ୍ରଗତି ଆଶାଜନକ ମନେ ହେଉଛି । ଏ ବର୍ଷ ଜାତୀୟ ଅର୍ଥନୀତିରେ ୫.5 ପ୍ରତିଶତ ଅଭିବୃଦ୍ଧି ହେବାର ଆଶା କରାଯାଉଛି । ଅନୁକୂଳ ମୌସୁମୀ ପ୍ରବାହ ଏବଂ ବିଶ୍ୱ ଓ ଜାତୀୟ ଅର୍ଥନୀତିର ଦ୍ରୁତ ସୁଧାର ଦୃଷ୍ଟିରୁ ରାଜ୍ୟର ଅର୍ଥନୀତି ବାସ୍ତବ ମୂଲ୍ୟାଙ୍କରେ ୨ ପ୍ରତିଶତ ଓ ନାମମାତ୍ର ମୂଲ୍ୟାଙ୍କରେ 15 ପ୍ରତିଶତ ହାରରେ ବୃଦ୍ଧି ପାଇବବୋଲି ଆଶା କରାଯାଏ ।

5. 2009-10 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ

2009-10 ଆର୍ଥିକ ବର୍ଷର ସଂଶୋଧିତ ରାଜସ୍ୱପ୍ରାପ୍ତି ସେହିଆର୍ଥିକ ବର୍ଷର ପ୍ରଥମ 9 ମାସର ଆଦାୟ ହୋଇଥିବା ଅର୍ଥକୁ ଭିତ୍ତିକରି, ଜାତୀୟ ଓ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧିର ଆକଳନ ଏବଂ ଆର୍ଥିକ ବର୍ଷର ବଳକା ସମୟ ମଧ୍ୟରେ ସମ୍ଭାବ୍ୟ ଆଦାୟକୁ ପ୍ରତ୍ୟାଶାକରି ସ୍ଥିରୀକୃତ କରାଯାଇଥିଲା । ସେହିପରି ବ୍ୟୟର ସଂଶୋଧିତ ଅଟକଳ ଅଣଯୋଜନା କ୍ଷେତ୍ରରେ ବଜେଟ ଓ ଅତିରିକ୍ତ ବଜେଟ୍ ଅଟକଳ ଏବଂ ଯୋଜନା କ୍ଷେତ୍ରରେ ରାଜ୍ୟ, କେନ୍ଦ୍ର ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାର ସଂଶୋଧିତ ଅଟକଳକୁ ହିସାବକୁ ନେଇ ପ୍ରସ୍ତୁତ କରାଯାଇ ଥିଲା । ଲେଖାନୁଦାନର ସେହି ସଂଶୋଧିତ ଅଟକଳରେ କୌଣସି ପରିବର୍ତ୍ତନ କରାନଯିବାକୁ ପ୍ରସ୍ତାବ ରଖାଯାଇଛି ।

6.1 ତ୍ରୟୋଦଶ ଅର୍ଥକମିଶନଙ୍କ ଅଧିନିର୍ଣ୍ଣୟ

ବର୍ତ୍ତମାନ ମୁଁ ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କ ଅବଗତି ନିମନ୍ତେ ତ୍ରୟୋଦଶ ଅର୍ଥକମିଶନଙ୍କ ବିଭିନ୍ନ ସୁପାରିଶ ସମ୍ପର୍କରେ ଆଲୋକପାତ କରିବାକୁ ଆବଶ୍ୟକ ମନେକରୁଛି । ତ୍ରୟୋଦଶ ଅର୍ଥ କମିଶନଙ୍କର ରିପୋର୍ଟ ଏବଂ ବ୍ୟାଖ୍ୟାତ୍ମକ ଜ୍ଞାପନ ଗତ ତା.25.02.2010 ରିଖରେ ସଂସଦରେ ଉପସ୍ଥାପିତ ହୋଇସାରିଛି । ଆମ ରାଜ୍ୟ କ୍ଷେତ୍ରରେ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ବିଷୟରେ ମୁଁ ଏଠାରେ ସମ୍ୟକ ସୂଚନା ଦେଉଅଛି ।

(i) 2010-15 ମଧ୍ୟରେ ଆଦାୟ ହେବାକୁ ଥିବା ନିଟ୍ କେନ୍ଦ୍ରୀୟ ଟିକସରୁ ଓଡିଶା 69314 କୋଟି ଟଙ୍କା ପାଇବ ବୋଲି କମିଶନ ସୁପାରିଶ କରିଛନ୍ତି ; ଯାହା ମୋଟ ଆବଣ୍ଟିତ ପାଣ୍ଠି (Divisible Pool) ର 4.78 ପ୍ରତିଶତ ଅଟେ ।

(ii) କମିଶନ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟକୁ 2163.75 କୋଟି ଟଙ୍କା କର୍ପସ ହିସାବରେ ଅନୁମୋଦନ କରିଛନ୍ତି । ଏହା ବିପର୍ଯ୍ୟୟ

ପ୍ରଶମନ ପାଣ୍ଠି ହିସାବରେ ପରିଚିତ । 2163.75 କୋଟି ଟଙ୍କାରୁ 25 ପ୍ରତିଶତ ଅର୍ଥାତ୍ 540.93 କୋଟି ଟଙ୍କା ରାଜ୍ୟ ଅଂଶ ଅଟେ ।

(iii) ରାଜ୍ୟ ସ୍ଥାନୀୟ ନିକାୟ ସଂସ୍ଥା (Local Bodies) ପାଇଁ ତ୍ରୟୋଦଶ ଅର୍ଥ କମିଶନ 3270.90 କୋଟି ଟଙ୍କାର ଅନୁଦାନ ଅନୁମୋଦନ କରିଛନ୍ତି । ଏହି ଅନୁଦାନ ଦୁଇ ପ୍ରକାରର ଯଥା ମୌଳିକ ଅନୁଦାନ ଓ ସଂପାଦନ ଭିତ୍ତିକ ଅନୁଦାନ ଅଟେ ।

(iv) ରାଜ୍ୟର ସ୍ୱତନ୍ତ୍ର ଆବଶ୍ୟକତା (State Specific Needs) ପାଇଁ କମିଶନ 1745 କୋଟି ଟଙ୍କାର ଅନୁଦାନ ସୁପାରିଶ କରିଛନ୍ତି । ଏଥି ମଧ୍ୟରେ ଚିଲିକା ହ୍ରଦର ପରିବେଶ ପୁନଃରୁଥାନ (Eco-restoration of Chilika Lake), ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତି ଭୂମିର ଉନ୍ନୟନ, ଶକ୍ତି କ୍ଷେତ୍ରର ଉନ୍ନୟନ ପାଇଁ ପ୍ରୋତ୍ସାହନ, ପୋଲିସ୍ ପ୍ରଶିକ୍ଷଣ, କାରାଗାରର ଉନ୍ନତିକରଣ, ପ୍ରାଚୀନ କୀର୍ତ୍ତିରାଜି ଓ ବୌଦ୍ଧ ପରମ୍ପରାର ସଂରକ୍ଷଣ, ଅଗ୍ନିଶମ ସେବା ଏବଂ ବ୍ଲକ ସ୍ତରରେ ବଜାର ସ୍ଥାପନ ଅନ୍ତର୍ଭୁକ୍ତ ।

(v) ରାଜ୍ୟର ସ୍ୱତନ୍ତ୍ର ଆବଶ୍ୟକତା ପାଇଁ ଅନୁଦାନ ବ୍ୟତୀତ କମିଶନ ପ୍ରାଥମିକ ଶିକ୍ଷା ପାଇଁ 1016 କୋଟି ଟଙ୍କା ଏବଂ ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ପାଇଁ 1022 କୋଟି ଟଙ୍କାର ଅନୁଦାନ ସୁପାରିଶ କରିଛନ୍ତି; ଯାହା ପି.ଏମ୍.ଜି.ଏସ୍.ୱାଇ ଓ ଅଣ ପି.ଏମ୍.ଜି.ଏସ୍.ୱାଇ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ବ୍ୟବହୃତ ହେବ । କମିଶନ 330.96 କୋଟି ଟଙ୍କା ଏବଂ 184 କୋଟି ଟଙ୍କା ପରିବେଶ ଜନିତ ଅନୁଦାନ ଏବଂ ଜଙ୍ଗଲ ଓ ଜଳ ସମ୍ପଦର ଉନ୍ନତି ପାଇଁ ଅନୁମୋଦନ କରିଛନ୍ତି ।

(vi) ଏତଦ୍‌ବ୍ୟତୀତ କମିଶନ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଉନ୍ନତି, ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ ପାଇଁ ପ୍ରୋତ୍ସାହନ, ଜିଲ୍ଲା ଅଭିନବୀକରଣ ପାଣ୍ଠି ଗଠନ, ପରିସଂଖ୍ୟାନ ପଦ୍ଧତିର ଉନ୍ନତିକରଣ ଏବଂ କର୍ମଚାରୀ ଓ

ପେନ୍‌ସନ୍ ଡାଟାବେସ୍ ପ୍ରଭୃତି ପାଇଁ ମୋଟ 442.10 କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି ।

6.2 ଏହି ପରିପ୍ରେକ୍ଷୀରେ ଏକଥା ସୂଚାଇ ଦିଆଯାଇପାରେ ଯେ କମିଶନଙ୍କ ଦ୍ୱାରା ଅନୁସୃତ ସମାନ୍ତରାଳ ଆବଣ୍ଟନ (Horizontal Distribution) ଓଡିଶା ପ୍ରତି ଅନୁକୂଳ ହୋଇନାହିଁ । ଫଳ ସ୍ୱରୁପ ଦ୍ୱାଦଶ ଅର୍ଥ କମିଶନ ନିଟ୍ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ 5.16 ପ୍ରତିଶତ ସୁପାରିଶ କରିଥିବା ବେଳେ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ 2010-15 ବର୍ଷ ପାଇଁ ଏହା 4.78 ପ୍ରତିଶତକୁ ହ୍ରାସ ପାଇଛି । ସୁତରାଂ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟର ଅଂଶ 0.38 ପ୍ରତିଶତ ହ୍ରାସ ପାଇଛି । ଯଦି ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ସ୍ତରରେ ଏହା ରହିଥାନ୍ତା ତେବେ ରାଜ୍ୟକୁ ପ୍ରାୟ 5500 କୋଟି ଟଙ୍କା ଅଧିକ ଅର୍ଥ ରାଶି ମିଳିଥାନ୍ତା । ରାଜ୍ୟମାନଙ୍କ ପାଇଁ କେନ୍ଦ୍ରୀୟ ଟିକସର ଅଂଶ ନିର୍ଦ୍ଧାରଣ ବେଳେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା ଅନୁସୂଚିତ ଜନଜାତି ଓ ଜାତି ଜନସଂଖ୍ୟା ଏବଂ ଭିତ୍ତିଭୂମିର ସୂଚକାଙ୍କ ଇତ୍ୟାଦିକୁ ମାନଦଣ୍ଡ ଭାବେ ଗ୍ରହଣକରିବାକୁ ରାଜ୍ୟ ସରକାର ଯେଉଁ ପ୍ରସ୍ତାବ ଦେଇଥିଲେ କମିଶନ ତାହାକୁ ବିଚାରକୁ ନେଇନାହାନ୍ତି ।

6.3 ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିର କର୍ପସକୁ 2010-15 ବର୍ଷ ମଧ୍ୟରେ 4000 କୋଟି ଟଙ୍କାକୁ ବୃଦ୍ଧି କରିବାକୁ ରାଜ୍ୟ ସରକାର ଦାବି କରିଥିଲେ ମଧ୍ୟ କମିଶନ ଏହାକୁ ବିଚାରକୁ ନେଇନାହାନ୍ତି । ଆପଣମାନେ ଜାଣନ୍ତି ଯେ ଓଡିଶା ବାରମ୍ବାର କୌଣସି ନା କୌଣସି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ଏହି ପରିପ୍ରେକ୍ଷୀରେ ବିପର୍ଯ୍ୟୟ ପାଣ୍ଠିରେ ରାଜ୍ୟର ଅଂଶ 25 ପ୍ରତିଶତରୁ 10 ପ୍ରତିଶତକୁ ହ୍ରାସ କରିବାପାଇଁ ରାଜ୍ୟ ସରକାରଙ୍କର ଦାବିକୁ କମିଶନ ଗ୍ରହଣ କରିନାହାନ୍ତି ।

6.4 ଅଧିକନ୍ତୁ କମିଶନ ରାଜ୍ୟମାନେ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ମୁଁ ପରବର୍ତ୍ତୀ ପର୍ଯ୍ୟାୟରେ ମୋ ଅଭିଭାଷଣରେ ଉଲ୍ଲେଖ କରିବି । କମିଶନ ମଧ୍ୟ ତାଙ୍କ

ପ୍ରଦର୍ଶୀତ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ ପରିଚାଳନା ଅଧିନିୟମକୁ ସଂଶୋଧନ କିମ୍ବା ନୂତନ ଆଇନ ପ୍ରଣୟନ କରିବାପାଇଁ ସୁପାରିଶ କରିଛନ୍ତି । 1745 କୋଟି ଟଙ୍କାର ରାଜ୍ୟ ସ୍ୱତନ୍ତ୍ର ଆବଶ୍ୟକତା ଅନୁଦାନ ମିଳିବା ଏହି ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମର ସଂଶୋଧନ ଅଥବା ନୂତନ ଆଇନ ପ୍ରଣୟନ ଉପରେ ନିର୍ଭର କରେ । କିଛି ଅନୁଦାନ ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରିବାପାଇଁ ସୁପାରିଶ କରାଯାଇଥିବା ବେଳେ ଅନ୍ୟ କିଛି ଅନୁଦାନ 2011-12 ଆର୍ଥିକ ବର୍ଷ ଠାରୁ ପ୍ରଦାନ କରିବାପାଇଁ କମିଶନ ସୁପାରିଶ କରିଛନ୍ତି ।

## 7. 2010-11 ଆର୍ଥିକ ବର୍ଷ ବଜେଟ ଅଟକଳର ଗୁରୁତ୍ୱପୂର୍ଣ୍ଣ ଦିଗ

ଆମ ସମ୍ମୁଖରେ ମୁଖ୍ୟ ଆହ୍ୱାନ ହେଉଛି କିପରି ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନିତ୍ୱ କରାଯିବା ସହିତ ଏଥିରେ ସମାଜର ସବୁ ସ୍ତରକୁ ସାମିଲ କରି Inclusive Growth ହାସଲ କରିବା । ଏକସଙ୍ଗରେ ଆମକୁ ଆର୍ଥିକ ସ୍ଥିରତା ହାସଲ କରିବା ସହିତ ସରକାରୀ ଖର୍ଚ୍ଚ ପରିଚାଳନା କ୍ଷେତ୍ରରେ ଅଧିକ ଦକ୍ଷତା ପ୍ରତିପାଦନ କରିବାକୁ ପଡିବ । ତେଣୁ ଚଳିତ ବର୍ଷର ବଜେଟ୍ ପ୍ରସ୍ତୁତ କରିବା ସମୟରେ ମୁଁ ଯେଉଁ କେତେଗୁଡିଏ ଦିଗପ୍ରତି ଗୁରୁତ୍ୱ ଆରୋପ କରିଛି ସେ ସମ୍ପର୍କରେ ଏଠାରେ ଆଲୋକପାତ କରିବାକୁ ଯାଉଛି ।

କ) ଆମକୁ ମଧ୍ୟମକାଳୀନ ଭିତ୍ତିରେ ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେବ ଏବଂ 2003-04 ଠାରୁ 2007-08 ମଧ୍ୟରେ ହୋଇଥିବା ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାରକୁ ପୁନରୁଜ୍ଜିବୀତ କରିବାକୁ ହେବ । ବିଶେଷତଃ ଗ୍ରାମ୍ୟ ଅର୍ଥନୀତିର ଅଭିବୃଦ୍ଧି ଉପରେ ଦୃଷ୍ଟି ନିବେଶ କରିବାକୁ ହେବ । ପୁନଶ୍ଚ ଅଭିବୃଦ୍ଧି ପ୍ରକ୍ରିୟାରେ ବିଭିନ୍ନ ଅଞ୍ଚଳ ତଥା ସାମାଜିକ ବର୍ଗଙ୍କୁ ସାମିଲ କରିବା ସହିତ ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତା(Food Security),

ଜୀବନ ଧାରଣ ନିରାପତ୍ତା (Livelihood Security) ଏବଂ ସ୍ୱାସ୍ଥ୍ୟ ନିରାପତ୍ତା (Health Security) ଯୋଗାଇ ଦେବା ଆବଶ୍ୟକ ।

ଖ) ଏଥି ସହିତ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି ପାଇଁ ଅଧିକ ଅର୍ଥ ଆବଣ୍ଟନ ଦ୍ୱାରା ଏସବୁ କ୍ଷେତ୍ରକୁ ଦୃଢିଭୂତ କରାଯିବାର ଆବଶ୍ୟକତା ରହିଛି ।

ଗ) ସରକାରୀ ଖର୍ଚ୍ଚରେ ଦକ୍ଷତା ଏବଂ ସାଧାରଣ ସେବା ଯୋଗାଣ (Public Service Delivery) ରେ ଉନ୍ନତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ସରକାରୀ ଅର୍ଥର ସଠିକ୍ ବିନିଯୋଗ ଏବଂ ଉତ୍ତମ ଫଳାଫଳ ସୁନିଶ୍ଚିତ କରିବା ପାଇଁ ବଜେଟ୍ ପରିଚାଳନା ଏବଂ ସେବା ଯୋଗାଣ କ୍ଷେତ୍ରରେ ଆନୁଷ୍ଠାନିକ ସଂସ୍କାର (Institutional Reforms) ଏକ ପ୍ରାଥମିକ ଆବଶ୍ୟକତା ଅଟେ । ଆମେ ଏ ଦିଗରେ କେତେକ ପଦକ୍ଷେପ ନେଇଛୁ ।

ଘ) ଏକ ସୁଦୃଢ ବିତ୍ତୀୟ ବ୍ୟବସ୍ଥା ପିଢି ପିଢି ମଧ୍ୟରେ ସମତା(Inter-generational equity), ସ୍ଥୁଳ ଅର୍ଥନୈତିକ ସ୍ଥିରତା ଏବଂ ଅଭିବୃଦ୍ଧିର ଆବଶ୍ୟକତାକୁ ପୂରଣ କରେ । ତ୍ରୟୋଦଶ ଅର୍ଥ କମିଶନ ତାଙ୍କ ରିପୋର୍ଟରେ ଅଭିବୃଦ୍ଧି ଏବଂ ବିତ୍ତୀୟ ଦୃଢତା ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ସୂଚିତ କରିବା ସଙ୍ଗେ ସଙ୍ଗେ ବିତ୍ତୀୟ ଦୃଢୀକରଣ ପ୍ରକ୍ରିୟା କିଭଳି ଅଧିକ ସରକାରୀ ଓ ବେସରକାରୀ ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରିଥାଏ ଏବଂ ଅପରପକ୍ଷରେ ଅଧିକ ପୁଞ୍ଜି ବିନିଯୋଗ କିଭଳି ବିତ୍ତୀୟ ବ୍ୟବସ୍ଥାରେ ସ୍ଥିରତା ଆଣିଥାଏ ତାହା ଦର୍ଶାଇଛନ୍ତି । 2008-09 ଓ 2009-10 ଆର୍ଥିକ ବର୍ଷରେ ରାଜ୍ୟମାନଙ୍କ କ୍ଷେତ୍ରରେ ଯେଉଁ ବିତ୍ତୀୟ କଟକଣା କୋହଳ କରାଯାଇଥିଲା ସେହି ସାମୟିକ ରିହାତିକୁ ପର୍ଯ୍ୟାୟକ୍ରମେ ଉଠାଇଦେବାପାଇଁ କମିଶନ ସୁପାରିଶ କରିଛନ୍ତି । ଏହି ମର୍ମରେ ସେମାନେ 2008-09 ଓ 2009-10 ଆର୍ଥିକ ବର୍ଷରେ

ରାଜ୍ୟମାନଙ୍କୁ ବିତ୍ତୀୟ କ୍ଷେତ୍ରରେ ଦିଆଯାଇଥିବା କୋହଳ ସର୍ତ୍ତକୁ ପରିହାର କରି 2010-11 ଆର୍ଥିକ ବର୍ଷରେ ବିତ୍ତୀୟ ଶୃଙ୍ଖଳାକୁ ବ୍ୟବସ୍ଥିତ କରିବାର ବର୍ଷଭାବେ ଚିହ୍ନଟ କରିଛନ୍ତି ଏବଂ ଆର୍ଥିକ ଦୃଢ଼ୀକରଣ ପ୍ରକ୍ରିୟାକୁ 2011-12 ଆର୍ଥିକ ବର୍ଷଠାରୁ ପୁର୍ନବ୍ୟବସ୍ଥିତ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିଛନ୍ତି ।

ଙ) କହିବା ନିଷ୍ପ୍ରୟୋଜନ ଯେ ଆମର ଟିକସ ବ୍ୟବସ୍ଥାରେ ସରଳୀକରଣ ତଥା ଆଧୁନିକୀରଣ ଜରୁରୀ ଆବଶ୍ୟକତା ରହିଛି । ଏହାଦ୍ୱାରା ଆମର ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଦୀର୍ଘ ମିଆଦି ଓ ପୋଷଣୀୟ ଉନ୍ନତି ହୋଇପାରିବ । ଏ କ୍ଷେତ୍ରରେ ଆମେ କେତେକ ପଦକ୍ଷେପ ନେଉଅଛୁ, ଏହା ପରବର୍ତ୍ତି ପର୍ଯ୍ୟାୟରେ ମୁଁ ଆପଣମାନଙ୍କ ନିକଟରେ ଉପସ୍ଥାପନ କରିବି ।

## ୪. 2010-11 ଆର୍ଥିକ ବର୍ଷର ବଜେଟ୍ ଅଟକଳର ସାରାଂଶ

୪.1 ମୁଁ ବର୍ତ୍ତମାନ ଆପଣମାନଙ୍କ ସମ୍ମୁଖରେ 2010-11 ଆର୍ଥିକ ବର୍ଷର ବଜେଟ୍ ଅଟକଳ ଉପସ୍ଥାପନ କରୁଛି ।

୪.2 ରାଜ୍ୟର ରାଜସ୍ୱ ସାଧାରଣତଃ, ନିଜସ୍ୱ ଟିକସ, ଅଣଟିକସ, କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟକୁ ମିଳୁଥିବା ଅଂଶ ଏବଂ କେନ୍ଦ୍ରୀୟ ଅନୁଦାନକୁ ଭିତ୍ତିକରି ଆକଳନ କରାଯାଇଥାଏ । ଚଳିତ ବର୍ଷ ରାଜସ୍ୱ ପ୍ରାପ୍ତିର ପରିମାଣ 31445.30 କୋଟି ଟଙ୍କାରେ ଆକଳନ କରାଯାଇଛି । ଆମର ନିଜ ଟିକସ ଓ ଅଣ ଟିକସ ରାଜସ୍ୱ 13,525.99 କୋଟି ଟଙ୍କାରେ ଆକଳିତ ହୋଇଛି, ଯାହା 2009-10 ଆର୍ଥିକ ବର୍ଷର ସଂଶୋଧିତ ଅଟକଳଠାରୁ 14.32 ପ୍ରତିଶତ ଅଧିକ ଅଟେ । 2010-11 କେନ୍ଦ୍ରୀୟ ବଜେଟରେ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ବାବଦରେ 10004.17 କୋଟି ଟଙ୍କା ଦର୍ଶା ଯାଇଛି । ଅଣଯୋଜନା, ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ କେନ୍ଦ୍ରରୁ ମିଳୁଥିବା ଅନୁଦାନ

7915.14 କୋଟି ଟଙ୍କାରେ ଆକଳିତ ହୋଇଛି । ଏଥିମଧ୍ୟରେ ତ୍ରୟୋଦଶ ଅର୍ଥ କମିଶନ ସୁପାରିଶ୍ କରିଥିବା 902.13 କୋଟି ଟଙ୍କା ଅନ୍ତର୍ଭୁକ୍ତ ।

8.3 ଆମର ଟିକସ ଓ ସାମଗ୍ରୀକ ଘରୋଇ ଉତ୍ପାଦନର ଅନୁପାତ ପ୍ରାୟ 6 ପ୍ରତିଶତ ଅଟେ । କେନ୍ଦ୍ରରୁ ମିଳୁଥିବା ଆମର ଅଂଶପ୍ରାପ୍ତିର ଉଭୟ ଶତକଡା ହିସାବରେ ଏବଂ ସାମଗ୍ରୀକ ହିସାବରେ ଅବନତି ଘଟିଛି । ତ୍ରୟୋଦଶ ଅର୍ଥକମିଶନ 2014-15 ସୁଦ୍ଧା ରାଜ୍ୟର ଟିକସ ଓ ସାମଗ୍ରୀକ ଘରୋଇ ଉତ୍ପାଦନର ଅନୁପାତକୁ 6.75 ପ୍ରତିଶତକୁ ବୃଦ୍ଧି କରିବା ପାଇଁ ସୁପାରିଶ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଜ୍ୟର ରାଜସ୍ୱ ଅଭିବୃଦ୍ଧି ସକାଶେ ଆବଶ୍ୟକୀୟ ପଦକ୍ଷେପ ନିର୍ଦ୍ଧାରଣ କରିବାପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ଏହି କମିଟିର ସୁପାରିଶ ମିଳିବା ପରେ ରାଜ୍ୟର ରାଜସ୍ୱ ଅଭିବୃଦ୍ଧି ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

8.4 ଋଣ ପରିଶୋଧକୁ ମିଶାଇ 2010 -11 ଆର୍ଥିକ ବର୍ଷର ବଜେଟ୍‌ରେ ମୋଟ ବ୍ୟୟ 38996.71 କୋଟି ଟଙ୍କା ଆକଳିତ ହୋଇଛି । ଏଥି ମଧ୍ୟରୁ ଅଣ ଯୋଜନା ବ୍ୟୟ 26094.40 କୋଟି ଟଙ୍କାରେ ଆକଳିତ ହୋଇଅଛି, ଯାହା 2009-10 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ତୁଳନାରେ 7.36 ପ୍ରତିଶତ ଅଧିକ ଅଟେ । ସେହିପରି ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ସମେତ ମୋଟ ଯୋଜନା ବ୍ୟୟ 12902.32 କୋଟି ଟଙ୍କାରେ ଆକଳିତ ହୋଇଛି, ଯାହା 2009-10 ସଂଶୋଧିତ ଅଟକଳ ତୁଳନାରେ 18.88 ପ୍ରତିଶତ ଅଧିକ ଅଟେ । ସରକାରୀ କ୍ଷେତ୍ରରେ 2010-11 ଆର୍ଥିକ ବର୍ଷ ପାଇଁ ଯୋଜନା ଅଟକଳ 10,000 କୋଟି ଟଙ୍କା ନିର୍ଦ୍ଧାରିତ ହୋଇଛି, ଯାହା 2009-10 ଆର୍ଥିକ ବର୍ଷର ସଂଶୋଧିତ ଯୋଜନା ଅଟକଳ ଠାରୁ 19.05 ପ୍ରତିଶତ ଅଧିକ ଅଟେ ।

8.5 2010-11 ଆର୍ଥିକ ବର୍ଷ ପାଇଁ 26094.40 କୋଟି ଟଙ୍କାରେ ଆକଳିତ ଅଣ ଯୋଜନା ଖର୍ଚ୍ଚରେ ଦରମା, ପେନସନ୍, ସୁଧଦେୟ ଏବଂ ପୁଞ୍ଜି ସମ୍ପତ୍ତିର

ରକ୍ଷଣାବେକ୍ଷଣ ପାଇଁ ଯଥାକ୍ରମେ 11248.12, 4429.90, 3952.12 ଏବଂ 2281.79 କୋଟି ଟଙ୍କା ଅନ୍ତର୍ଭୁକ୍ତ ହୋଇଛି ।

**8.6** 2010.11 ଆର୍ଥିକ ବର୍ଷର ବ୍ୟୟ ଭରଣା ପାଇଁ ରାଜସ୍ୱ ପ୍ରାପ୍ତିରୁ 31445.30 କୋଟି ଟଙ୍କା, ଋଣ ଓ ଅଗ୍ରୀମ ପରିଶୋଧରୁ 243.15 କୋଟି ଟଙ୍କା ଏବଂ ଋଣ ଓ ଅନ୍ୟାନ୍ୟ ସୂତ୍ରରୁ ଆହରଣ ହେବାକୁ ଥିବା 7308.26 କୋଟି ଟଙ୍କା ଆକଳନ କରାଯାଇଛି ।

**8.7** ଚଳିତ ଆର୍ଥିକ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଯୋଜନା ନିମନ୍ତେ ତ୍ରୟୋଦଶ ଅର୍ଥ କମିଶନ 902.13 କୋଟି ଟଙ୍କାର ଅନୁଦାନ ସୁପାରିଶ କରିଛନ୍ତି । ଏଥି ମଧ୍ୟରୁ ବିଭିନ୍ନ ବିଭାଗ ପାଇଁ ନିମ୍ନ ମତେ ବ୍ୟୟ ବରାଦ କରାଯାଇଛି ।

**8.7.1** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବଜେଟ୍‌ରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିର କେନ୍ଦ୍ରୀୟ ଅଂଶ ନିମିତ୍ତ ବଜେଟ୍‌ରେ 293.69 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏତଦ୍‌ବ୍ୟତୀତ ରାଜ୍ୟ ବିପର୍ଯ୍ୟୟ ଓ ପ୍ରଶମନ ପାଣ୍ଠିର ରାଜ୍ୟ ଅଂଶ ବାବଦରେ 97.89 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**8.7.2** ରାଜ୍ୟରେ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଉନ୍ନତି କଳ୍ପେ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶମତେ ଆଇନ, ଗୃହ ଓ ପୂର୍ତ୍ତ ବିଭାଗର ବଜେଟରେ ମୋଟ୍ 38.72 କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା କରାଯାଇଛି । ପ୍ରାତଃ/ସାନ୍ଧ୍ୟ କାଳୀନ ସ୍ୱତନ୍ତ୍ର ବିଚାରାଳୟ, ସ୍ୱତନ୍ତ୍ର ମହାନଗରୀୟ ନ୍ୟାୟିକ ମାଜିଷ୍ଟ୍ରେଟ (Special Judicial Metropolitan Magistrate) ପାଳି ନ୍ୟାୟାଳୟ (Shift Court) ଗୁଡିକର ପରିଚାଳନା, ଲୋକ ଅଦାଲତ ଏବଂ ବିଧିକ ସହାୟତା, ନ୍ୟାୟିକ ଅଧିକାରୀ ଓ ସରକାରୀ ଅଭିଯୋଜକ (Public Prosecutor) ମାନଙ୍କ ତାଲିମ, Alternative Dispute Resolution କେନ୍ଦ୍ର ସ୍ଥାପନ ଏବଂ ମଧ୍ୟସ୍ଥି ଓ ତୋଷଣକାରୀ (Mediators &